بسم اللہ الرحمٰن الرحیم

**ଖୁତବା ଜୁମା ୨୮ ଅଗଷ୍ଟ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଖୋଲଫାଏ ରାଶିଦିନ୍, ରିଜ୍ୱାନୁଲ୍ଲାହି ଅଲୈହିମ୍ ଓ ଅଜମଇନ୍ ଏବଂ ହଜ୍ରତ୍ ଇମାମ୍ ହୁସୈନ୍ ର.ଅଙ୍କ ଉଚ୍ଚ ସ୍ତରୀୟ ଆସନ, ସୁବାସିତ ଚରିତ୍ରର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଊଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ସାଂପ୍ରତିକ ଯୁଗରେ ଅଲ୍ଲାଃତାଲା ନିଜର ପ୍ରତିଶୃତି ଅନୁଯାୟୀ ଆଁହଜ଼ରତ୍ ସ.ଅଙ୍କ ଦାସତ୍ୱରେ ମସିହ୍ ମଉଦ୍ ଏବଂ ମେହଦୀ ମଉଦ୍ ଅ.ସଙ୍କୁ ହକମ୍ ଓ ଅଦଲ୍ (ନିର୍ଣ୍ଣୟକାରୀ ଏବଂ ନ୍ୟାୟ ବିଚାରକ) ରୂପେ ଗଢ଼ି ପ୍ରେରଣ କରିଛନ୍ତି । ଯିଏ ମୁସଲମାନମାନଙ୍କୁ ଏକେଶ୍ୱରବାଦରେ ଏକତ୍ରିତ କରାଇବା ଧାର୍ଯ୍ୟ ଥିଲା । ସୁତରାଂ ଆମେମାନେ ଆଜି ଏହା ଦେଖୁଛେ ଯେ, ମୁସଲମାନମାନଙ୍କର ପ୍ରତ୍ୟେକ ଗୋଷ୍ଠୀ ମଧ୍ୟରୁ ଲୋକେ ଆସି ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ ସାମିଲ ହେଉଛନ୍ତି ଏବଂ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ସଂଖ୍ୟାରେ ସାମିଲ ହୋଇ ଚାଲିଛନ୍ତି । ସୁତରାଂ ମସିହ୍ ମଉଦ୍ ଏବଂ ହକମ୍ ଅଦଲର ଜମାଅତ୍ ପାରସ୍ପରିକ ମତଭେଦକୁ ସମାପ୍ତ କରିବା ପାଇଁ ସ୍ଥାପିତ ହୋଇଅଛି । ଆମେମାନେ ସତ୍ୟ କହିବାକୁ ଏବଂ ସତ୍ୟର ପ୍ରଚାର ପ୍ରସାର କରିବାରୁ ଅଟକି ଯିବୁ ନାହିଁ । ଏହି କାର୍ଯ୍ୟରେ ଆମେମାନେ ବଳିଦାନ ମଧ୍ୟ ଦେଉଅଛୁ। ଆଜିକାଲି ଆମେମାନେ ମୁହର୍ରମ୍ ମାସ ଦେଇ ଅତିକ୍ରମ କରୁଛେ, ଯାହାକି ଇସ୍‌ଲାମୀୟ କ୍ୟାଲେଣ୍ଡର ଅନୁଯାୟୀ ବର୍ଷର ପ୍ରଥମ ମାସ ଅଟେ । ଯେତେବେଳେ ଇଂରାଜୀ ନବବର୍ଷ ଆରମ୍ଭ ହୁଏ ସେତେବେଳେ ଆମେମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଥାଉ । କିନ୍ତୁ ଦୁର୍ଭାଗ୍ୟଜନକ କଥା ଯେ, ଇସ୍‌ଲାମୀୟ ବର୍ଷର ପ୍ରଥମ ତାରିଖ ଆସିଲେ ଅନେକ ଇସ୍‌ଲାମୀୟ ଦେଶରେ ଗୋଷ୍ଠୀ ସଂଘର୍ଷ, ରକ୍ତପାତ ତଥା ହତ୍ୟାକାଣ୍ଡ ହୋଇଥାଏ । ସେହି ଧର୍ମ ଯାହାକି ଶାନ୍ତି ଏବଂ ସୌହାର୍ଦ୍ଦ୍ୟତାର ଶିକ୍ଷା ପ୍ରଦାନକାରୀ ଧର୍ମ ଅଟେ । ତାହାର ଧର୍ମାବଲମ୍ବୀମାନେ କାହିଁକି ବର୍ଷର ପ୍ରାରମ୍ଭରେ ଉପଦ୍ରବ ଏବଂ ହତ୍ୟାକାଣ୍ଡ କରି ଥାଆନ୍ତି ! ଆମମାନଙ୍କୁ ଏହା ଚିନ୍ତା କରିବା ଉଚିତ୍ ଏବଂ ଆମମାନଙ୍କୁ ନିଜର ଆଚାର ବ୍ୟବହାରକୁ ପରିବର୍ତ୍ତନ କରିବା ଉଚିତ୍, ଆମର ମହାମାନ୍ୟ ଓ ପ୍ରିୟ ନବୀ ହଜ଼ରତ୍ ଖାତୁମଲ୍ ଅମ୍ବିୟା ମୁହମ୍ମଦ୍ ମୁସ୍ତଫା ସ.ଅ ଆମମାନଙ୍କୁ ଏହି ସୁସମାଚାର ମଧ୍ୟ ଦେଇଛନ୍ତି ଯେ, **ଖିଲାଫତ୍ ଅଲା ମିନହାଜେ ନବୁୱତ୍** (ଅର୍ଥାତ ସେହି ନବୁୱତ୍ ମାର୍ଗ ପରେ ଖିଲାଫତ୍ ବ୍ୟବସ୍ଥା ପ୍ରଚଳିତ ହେବ)। ଯାହାକି ମୁସଲମାନମାନଙ୍କୁ ଏକ ଗୋଷ୍ଠୀରେ ପରିଣତ କରିବାର ମାଧ୍ୟମ ସାଜିବ ଏବଂ ମୁସଲମାନମାନଙ୍କର ଉନ୍ନତି ତଥା ଏକତାର ଜ୍ୱଳନ୍ତ ନିଦର୍ଶନ ହୋଇଯିବ । ସୁତରାଂ ଯେତେବେଳେ ପରିସ୍ଥିତି ଏହା ସୂଚନା ଦେଉଅଛି ଏବଂ ଚଳିତ ଯୁଗ ଯହିଁରେ କୁର୍‌ଆନ୍ ଏବଂ ହଦୀସରେ ବର୍ଣ୍ଣିତ ନିଦର୍ଶନ ପୂର୍ଣ୍ଣ ହୋଇ ଚାଲିଛି । ତେବେ ଆମେମାନେ ସେହି ହକମ୍ ଓ ଅଦଲ୍ ଏବଂ ଆଁହଜ଼ରତ୍

ସ.ଅଙ୍କ ପ୍ରକୃତ ଦାସଙ୍କର ସନ୍ଧାନ କାହିଁକି ବା ନକରିବା ! ଯିଏ ଶିୟା, ସୁନ୍ନି ଏବଂ ବିଭିନ୍ନ ସଂପ୍ରଦାୟ ଏବଂ ଦେଶମାନଙ୍କର ମତଭେଦକୁ ସମାପ୍ତ କରି ଆମମାନଙ୍କୁ ଗୋଟିଏ ରଜ୍ଜୁରେ ଏକତ୍ରିତ କରିବ ।

ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଲେ: ମୋର ପଦ ନବୀମାନଙ୍କ ସଦୃଶ ଅଟେ । ତେଣୁ ମୋତେ ଆକାଶୀୟ ବ୍ୟକ୍ତି ରୂପେ ଗ୍ରହଣ କର । ତେବେଯାଇ ଏହି ସମସ୍ତ, ଉପଦ୍ରବ, ମତଭେଦ ଯାହା ମୁସଲମାନଙ୍କ ମଧ୍ୟରେ ଲାଗି ରହିଛି ତାହାର ସଂପୂର୍ଣ୍ଣ ରୂପେ ଅବସାନ ଘଟିବ । ତେଣୁ ତୁମେମାନେ ମୋ ନିକଟକୁ ଆସ ଏବଂ ମୋ କଥା ଶୁଣ ଯଦ୍ଵାରା ତୁମମାନଙ୍କୁ ସତ୍ୟ ଓ ସତ୍‌ପଥ ଦୃଶ୍ୟମାନ ହେବ । ତୁମେମାନେ ଯେଉଁ ଇମାମ୍‌ଙ୍କର ଅପେକ୍ଷାରେ ଥିଲ ସେହି ଇମାମ୍ ମୁଁ ଅଟେ, ତେଣୁ ଏହାର ପ୍ରମାଣ ତୁମେମାନେ ମୋ ଠାରୁ ନିଅ। ହଜ଼ରତ୍ ମସିହ୍ ମଉଦ୍ ଅ.ସ ଖୁଲଫାଏ ରାଶିଦିନ୍‌ଙ୍କ ମର୍ଯ୍ୟାଦା ଓ ମହତ୍ତ୍ଵ ଏବଂ ସେମାନଙ୍କର ଉଚ୍ଚାସୀନତାକୁ ବର୍ଣ୍ଣନା କରି କହନ୍ତି : ମୁଁ ତ' ଏହା ଜାଣେ ଯେ, ଜଣେ ବ୍ୟକ୍ତି ସେପର୍ଯ୍ୟନ୍ତ ମୁସଲମାନ ହୋଇ ପାରିବ ନାହିଁ ଯେପର୍ଯ୍ୟନ୍ତ ସେ ହଜ଼ରତ ଅବୁ ବକ୍କର, ହଜ଼ରତ ଉମର, ହଜ଼ରତ ଉସମାନ, ହଜ଼ରତ ଅଲୀ ରିଜ଼ୱାନୁଲ୍ଲାହି ଅଲୈହିମ୍ ଓ ଅଜମଇନ୍‌ଙ୍କ ପରି ନିଜକୁ ରଙ୍ଗୀନ କରି ନାହିଁ । ତେଣୁ ଜମାଅତ୍ ଅହେମଦିୟାର ତ' ଏହା ବିଶ୍ୱାସ ରହିଛି ଯେ, ଏହି ସମସ୍ତ ଖଲିଫାମାନେ ହେଉଛନ୍ତି ଆମମାନଙ୍କ ପାଇଁ ଆଦର୍ଶ । ସୁତରାଂ ଯେତେବେଳେ ଏହି ଆସ୍ଥା ପ୍ରକଟ ହେବ ସେତେବେଳେ ଜମାଅତ୍ ଅହେମଦିୟା ହିଁ ଏପରି ଏକ ଜମାଅତ୍ ନୁହେଁ ଯିଏ ମୁସଲମାନମାନଙ୍କ ମଧ୍ୟରୁ ପାତର ଅନ୍ତର ଓ ମତଭେଦକୁ ସମାପ୍ତ କରି ସେମାନଙ୍କ ମଧ୍ୟରେ ଏକତା ସୃଷ୍ଟିକାରୀ ଜମାଅତ୍ ରୂପେ ବିବେଚିତ ହୋଇ ପାରିବ । ହଜ଼ରତ ମସିହ ମଉଦ୍ ଅ.ସ ହଜ଼ରତ ଅବୁ ବକ୍କର୍ ର.ଅଙ୍କ ଉଚ୍ଚ ଆସନର ପ୍ରଶଂସା କରି କହନ୍ତି ଯେ, ହଜ଼ରତ୍ ଅବୁ ବକ୍କର ର.ଅ ଆଁହଜ଼ରତ୍ ସ.ଅଙ୍କର ପ୍ରତିବିମ୍ବ ଥିଲେ । ଅବୁ ବକ୍କର୍ ର.ଅଙ୍କ ଉପରେ ଆଁହଜ଼ରତ ସ.ଅଙ୍କ ଆଚାର ଓ ବ୍ୟବହାରର ଗଭୀର ପ୍ରଭାବ ପଡ଼ିଥିଲା ଏବଂ ମନ ବିଶ୍ୱାସରେ ପରିପୂର୍ଣ୍ଣ ହୋଇଥିଲା । ଏଣୁ ସେ ପ୍ରତ୍ୟେକ କ୍ଷେତ୍ରରେ ସାହାସିକତା ଏବଂ ଅବିଚଳତା ପ୍ରଦର୍ଶନ କରିଥିଲେ । ସୁତରାଂ ଆଁହଜ଼ରତ୍ ସ.ଅଙ୍କ ପରେ ଏହାର କୌଣସି ଦୃଷ୍ଟାନ୍ତ ମିଳିବା କଷ୍ଟସାଧ୍ୟ । ତାଙ୍କର ଜୀବନ ଇସ୍‌ଲାମ୍‌ର ଜୀବନ ଥିଲା । ମୁଁ ସତ ସତ କହୁଛି ଯେ, ହଜ଼ରତ୍ ଅବୁ ବକ୍କର ର.ଅ ଇସ୍‌ଲାମ୍ ପାଇଁ ଦ୍ଵିତୀୟ ଆଦମ୍ ଅଟନ୍ତି । ମୁଁ ଏହି ବିଶ୍ୱାସ ରଖୁଛି ଯେ, ଯଦି ହୁଜ଼ୁର ସ.ଅଙ୍କ ପରେ ହଜ଼ରତ୍ ଅବୁ ବକ୍କର ର.ଅଙ୍କ ଅସ୍ତିତ୍ଵ ନ ଥାଆନ୍ତା ତେବେ ଭୂପୃଷ୍ଠରେ ଇସ୍‌ଲାମ୍‌ର ଚିହ୍ନ ବର୍ଣ୍ଣ ମଧ୍ୟ ଦେଖିବାକୁ ମିଳି ନ ଥାଆନ୍ତା ।

ପୁନଶ୍ଚ ହଜ଼ରତ୍ ଉମର୍ ର.ଅଙ୍କ ଉଚ୍ଚ ପଦ ଓ ପ୍ରତିଷ୍ଠାର ପ୍ରଶଂସା କରି ହଜ଼ରତ୍ ମସିହ୍ ମଉଦ୍ ଅ.ସ କହନ୍ତି: ବେଳେବେଳେ ତାଙ୍କ ପରାମର୍ଶ କ୍ରମେ କୁରଆନ୍ ଶରୀଫ୍‌ର ପଙ୍‌କ୍ତି ଅବତୀର୍ଣ୍ଣ ହୋଇଯାଉଥିଲା ଏବଂ ତାଙ୍କ ସପକ୍ଷରେ ଏକ ହଦିସ୍‌ରେ ମଧ୍ୟ ବର୍ଣ୍ଣିତ ରହିଛି ଯେ, ଶୈତାନ୍ ହଜ଼ରତ୍ ଉମର୍ ର.ଅଙ୍କ ଛାୟାକୁ ଦେଖି ପଳାୟନ କରେ ଏବଂ ଆଉ ଏକ ହଦିସ୍ ରହିଛି ହୁଜ଼ୁର୍ ସ.ଅଙ୍କ ପରେ ଯଦି କେହି ନବୀ ହୋଇ ଥାଆନ୍ତା ତେବେ ହଜ଼ରତ୍ ଉମର୍ ର.ଅ ହିଁ ହୋଇ ଥାଆନ୍ତେ । ପୁନଶ୍ଚ ଏକ ସ୍ଥାନରେ ହଜ଼ରତ୍ ଅବୁ ବକ୍କର, ହଜ଼ରତ ଉମର୍ ଓ ହଜ଼ରତ ଉସମାନ୍ ର.ଅଙ୍କ ସାମୂହିକ ଚର୍ଚ୍ଚା କରି ହଜ଼ରତ୍ ମସିହ୍ ମଉଦ୍ ଅ.ସ କହନ୍ତି ଯେ, ମୋର

ପ୍ରଭୁ ମୋତେ କହିଛନ୍ତି ଏବଂ ମୋ ଉପରେ ସ୍ପଷ୍ଟ କରିଛନ୍ତି ଯେ, ହଜ଼ରତ ଅବୁ ବକ୍କର ସଦ୍ଦିକ୍, ହଜ଼ରତ ଉମର୍ ଓ ହଜ଼ରତ ଉସମାନ ର.ଅ ପୁଣ୍ୟାତ୍ମା ଏବଂ ସଚ୍ଚୋଟ ବିଶ୍ୱାସକାରୀ ଥିଲେ ଏବଂ ସେମାନେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯେଉଁମାନଙ୍କୁ ଅଲ୍ଲାଃତାଲା ମନୋନୀତ କରିଥିଲେ । ଯେଉଁମାନେ ଅଶେଷ ଦୟାବାନ ଅଲ୍ଲାଃତାଲାଙ୍କ କୃପାରୁ ବିଶେଷ ରୂପେ ପୁରସ୍କୃତ ହୋଇଥିଲେ । ସୁତରାଂ ଏହି ବୋଧତା ହିଁ ରହିଛି ଯାହାକି ସେହି ଚାରି ଜଣ ଖଲିଫାଙ୍କ ମର୍ଯ୍ୟାଦା ଓ ମହତ୍ତ୍ୱତାର ହଜ଼ରତ୍ ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ପରିଚୟ ଦେଇଛନ୍ତି ଏବଂ ଏହା ହିଁ ସେହି ମର୍ଯ୍ୟାଦା ଯେତେବେଳେ ପ୍ରତ୍ୟେକ ମୁସଲମାନ ଏହି ସନ୍ଥାତ୍ମାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବେ ସେତେବେଳେ ଯାଇ ସେ ପ୍ରକୃତ ମୁସଲମାନ ହେବାର ପଦବାଚ୍ୟ ହୋଇ ପାରିବେ ଏବଂ ପାରସ୍ପରିକ ମତଭେଦକୁ ସମାପ୍ତ କରି ଏକ ଉମ୍ମତ୍‌ର ଅଂଶ ହୋଇ ପାରିବେ ।

ଯେପରି ମୁଁ କହିଲି ଯେ, ଆମେମାନେ ଆଜିକାଲି ମୁହର୍ରମ୍ ମାସ ଦେଇ ଅତିକ୍ରମ କରୁଛେ, କାଲି କିମ୍ବା ପଅର ଦିନ ମହରମ୍ ମାସର ୧୦ ତାରିଖ ହେବ । ଠିକ୍ ଏହି ଦିନ ହଜ଼ରତ୍ ଇମାମ୍ ହୁସୈନ୍ ର.ଅଙ୍କୁ ଶହୀଦ୍ କରିଦିଆ ଯାଇଥିଲା । ଏହି ସୂତ୍ରରୁ ଶିଆ ସଂପ୍ରଦାୟମାନେ ନିଜର ଭାବାବେଗ ମଧ୍ୟ ପରିପ୍ରକାଶ କରି ଥାଆନ୍ତି। ନିଃସନ୍ଦେହ ରୂପେ କହିବାକୁ ଗଲେ ଏହା ଏକ ବୀଭତ୍ସ ଏବଂ ନୃଶଂସନୀୟ ଘଟଣା ଥିଲା ଯେ, ତାଙ୍କୁ କେଉଁଭଳି ଭାବରେ ଶହୀଦ୍ କରାଯାଇ ଥିଲା । ସୁତରାଂ ଯେତେବେଳେ ଶିଆ ସଂପ୍ରଦାୟ ଲୋକମାନେ ନିଜର ଭାବବେଗକୁ ପରିପ୍ରକାଶ କରନ୍ତି କିମ୍ବା ସାଧାରଣ ପରିସ୍ଥିତିରେ ମଧ୍ୟ ଶିଆ ସଂପ୍ରଦାୟର ଯେଉଁ ଭାବାବେଗଟି ହଜ଼ରତ୍ ହୁସୈନ୍ ଏବଂ ହଜ଼ରତ ଅଲୀ ର.ଅଙ୍କ ପ୍ରତି ରହିଛି ତେବେ ସେ ସଂପର୍କରେ ଏହା ମଧ୍ୟ ମନେ କରାଯାଏ ଯେ, ପ୍ରାୟତଃ ଆମମାନଙ୍କ ମଧ୍ୟରେ କିମ୍ବା ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ କିମ୍ବା ତାଙ୍କର ଜମାଅତ୍ ମଧ୍ୟ ଆଁହଜ଼ରତ ସ.ଅଙ୍କ ନବୁଓ୍ୱତ୍‌ର ମର୍ଯ୍ୟାଦାକୁ ଚିହ୍ନି ପାରି ନାହାନ୍ତି । ଜମାଅତ୍ ଅହେମଦିୟା ଉକ୍ତ ଭ୍ରମକୁ ସର୍ବଦା ଦୂରୀଭୂତ କରିବା ପାଇଁ ଚେଷ୍ଟା ଓ ଉଦ୍ୟମ କରିଆସିଛି । ସେ ଯାହା ହେଉ ନା କାହିଁକି ମୁଁ ଉକ୍ତ ପ୍ରସଙ୍ଗ କ୍ରମେ କେତେକ କଥା ଆଲୋଚନା କରିବି । ହଜ଼ରତ ମସିହ ମଉଦ୍ ଅ.ସଙ୍କ ଆଲେଖ୍ୟ ଅନୁଯାୟୀ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଦୃଷ୍ଟିରେ ଆଁହଜ଼ରତ ସ.ଅଙ୍କ ବଂଶଧରଙ୍କର କ'ଣ ମର୍ଯ୍ୟାଦା ରହିଥିଲା ଏବଂ ଏ ସଂକ୍ରାନ୍ତରେ ହଜ଼ରତ ମସିହ୍ ମଉଦ୍ ଅ.ସ ଆମମାନଙ୍କୁ କେଉଁ ଉପଦେଶ ଦେଇଛନ୍ତି । ହଜ଼ରତ ମସିହ୍ ମଉଦ୍ ଅ.ସ ନିଜର କାଳଜୟୀ ପୁସ୍ତକ **"ସିର୍‌ରୁଲ୍ ଖିଲାଫା"**ରେ ହଜ଼ରତ ଅଲୀ ଓ ଆଁହଜ଼ରତ ସ.ଅଙ୍କ ବଂଶଧରଙ୍କ ସଂପର୍କରେ, ନବୁଓ୍ୱତ୍ ସଂପର୍କରେ ଏହା ଉଲ୍ଲେଖ କରିଛନ୍ତି; ହଜ଼ରତ ଅଲୀ ର.ଅଙ୍କ ସଂପର୍କରେ ମସିହ୍ ମଉଦ୍ ଅ.ସ ଏହା କହିଲେ ଯେ, ସେ ଅଲ୍ଲାଃତାଲାଙ୍କ ସେହି ନିକଟବର୍ତ୍ତୀ ଭକ୍ତମାନଙ୍କ ମଧ୍ୟରୁ ଜଣେ ଥିଲେ, ଏଥିସହ ସେ କୁରଆନ୍‌ର ସକଳ ବ୍ରହ୍ମଜ୍ଞାନ ପ୍ରାପ୍ତକାରୀ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ । ହୁଜୁର୍ ଅ.ସ କହିଲେ ଯେ, ମୁଁ ଚେଇଁଥିବା ଅବସ୍ଥାରେ ହଜ଼ରତ ଅଲୀ ର.ଅଙ୍କୁ ସାକ୍ଷାତ୍ କଲି ନା କି ନିଦ୍ରାବସ୍ଥାରେ । ମୁଁ ହଜ଼ରତ ଅଲୀ ର.ଅଙ୍କୁ ଲୋକମାନଙ୍କ ମଧ୍ୟରେ ଉପଯୁକ୍ତ ଏବଂ ଉତ୍ତମ ଚରିତ୍ରବତ୍ତା ଏବଂ କୋମଳ ସ୍ୱଭାବ, ଜାଜ୍ୱଲ୍ୟମାନ, ପ୍ରଜ୍ଞାବାନ ତଥା ପ୍ରକାଶବାନ ବ୍ୟକ୍ତି ରୂପେ ପାଇଲି ଏବଂ ମୁଁ ଏହି ଶପଥ କରି କହୁଛି ଯେ, ସେ ଅର୍ଥାତ୍ ହଜ଼ରତ ଅଲୀ ର.ଅ ମୋତେ ସ୍ମିତହାସ୍ୟ ଏବଂ ସସ୍ନେହ ସାକ୍ଷାତ୍

କଲେ ଏବଂ ମୋ ମନରେ ସେତେବେଳେ ଉକ୍ତ କଥାଟି ଉଦ୍ରେକ କରାଗଲା ଯେ, ହଜ଼ରତ ଅଲୀ ର.ଅ ମୋର ଆସ୍ଥା ସହିତ ଭଲ ଭାବରେ ପରିଚିତ ଏବଂ ସେ ଏହା ମଧ୍ୟ ଜାଣନ୍ତି ଯେ, ମୁଁ ନିଜ ଆସ୍ଥା ଏବଂ ବିଚାର ଧାରା, ପ୍ରଥା ଓ ପରମ୍ପରାରେ ଶିୟା ସଂପ୍ରଦାୟ ସହିତ ମତାନ୍ତର ରଖୁଛି । କିନ୍ତୁ ସେ କୌଣସି ପ୍ରକାରର ଅସନ୍ତୋଷ ବ୍ୟକ୍ତ କଲେ ନାହିଁ, ନା ମୋର ଉପେକ୍ଷା କଲେ ଏବଂ ମୋ ଉପରେ କ୍ଷୁବ୍ଧ ମଧ୍ୟ ହେଲେ ନାହିଁ । ବରଂ ସେ ମୋତେ ସାକ୍ଷାତ୍ କଲେ ଏବଂ ଜଣେ ନୈଷ୍ଠିକ ସ୍ନେହମୟୀଙ୍କ ପରି ମୋତେ ସ୍ନେହ କଲେ ଏବଂ ସେ ସତ୍ୟ ହୃଦୟ ରଖୁଥିବା ବ୍ୟକ୍ତିମାନଙ୍କ ପରି ମୋ ପ୍ରତି ସ୍ନେହଭାବ ପ୍ରଦର୍ଶନ କଲେ ଏବଂ ତାଙ୍କ ସହିତ ଅର୍ଥାତ ହଜ଼ରତ ଅଲୀ ର.ଅଙ୍କ ସହିତ ହସନ୍, ହୁସୈନ୍ ଏବଂ ଖାତମୁନ୍ ନବୀୟିନ୍ ଆଁହଜ଼ରତ ସ.ଅ ମଧ୍ୟ ଥିଲେ । ସେମାନଙ୍କ ସହିତ ଜଣେ ସୁନ୍ଦର, ସଦାଚାରୀ, ପୁଣ୍ୟବନ୍ତା, ମଙ୍ଗଳମୟ, ମର୍ଯ୍ୟାଦା ସମ୍ପୂର୍ଣ୍ଣ ବାହ୍ୟ ଓ ଆଭ୍ୟନ୍ତରୀଣ ପ୍ରକାଶରେ ପରିପୂର୍ଣ୍ଣ ଯୁବ ମହିଳା ମଧ୍ୟ ବିରାଜମାନ ଥିଲେ । ଯାହାଙ୍କୁ ମୁଁ ଦୁଃଖିତ ଓ ଚିନ୍ତିତ ଅବସ୍ଥାରେ ଦେଖିଲି । କିନ୍ତୁ ସେ ତାହାକୁ ଲୁଚାଇ ବସିଥିଲେ ଏବଂ ମୋ ମନରେ ଏହା ଉଦ୍ରେକ କରାଗଲା ଯେ, ସେହି ମହିଳା ଜଣକ ହେଉଛନ୍ତି ହଜ଼ରତ ଫାତିମତୁଜ୍ ଜୁହ୍‌ରା ର.ଅ । ସେ ମୋ ନିକଟକୁ ଆସିଲେ ଏବଂ ମୁଁ ସେତେବେଳେ ବିଶ୍ରାମ ଅବସ୍ଥାରେ ଥିଲି । ଅତଃ ସେ ଆସି ମୋ ନିକଟରେ ବସି ପଡ଼ିଲେ ଏବଂ ମୋର ମୁଣ୍ଡକୁ ନିଜ କୋଳ ଉପରେ ରଖିଦେଲେ ଏବଂ ମୋ ପ୍ରତି ସ୍ନେହଭାବ ପ୍ରଦର୍ଶନ କଲେ । ମୁଁ ଏହା ଅବଲୋକନ କଲି ଯେ, ସେ ମୋର କୌଣସି ଶୋକ ବା ଦୁଃଖ ଯୋଗୁଁ ଦୁଃଖିତ ଏବଂ ଅପ୍ରସନ୍ନ ଅଛନ୍ତି । ପିଲାମାନଙ୍କ ଦୁଃଖ କଷ୍ଟ ସମୟରେ ଯେପରି ଜଣେ ମା ନିଜର ଦୁଃଖ ପ୍ରକାଶ କରିଥାଏ ସେହିପରି ହଜ଼ରତ ଫାତିମତୁଜ୍ ଜୁହରା ର.ଅ ମମତାମୟୀ ଏବଂ ସ୍ନେହମୟୀ ମାତୃତ୍ୱ ପରି ଅଶାନ୍ତ, ଅଧୀର ଏବଂ ଚିନ୍ତିତ ଥିବାର ପରିପ୍ରକାଶ କଲେ ।"

ସେ ଯାହାହେଉ ନା କାହିଁକି ହୁଜୁର୍ ଅ.ସ କହନ୍ତି ଯେ, ମୋତେ ଏହା କୁହାଗଲା ଯେ, ଧର୍ମ ସଂକ୍ରାନ୍ତରେ ହଜ଼ରତ ଫାତିମତୁଜ୍ ଜୁହରା ର.ଅଙ୍କ ନିକଟରେ ମୋର ମର୍ଯ୍ୟାଦା ଜଣେ ପୁତ୍ର ପରି । ପୁନଶ୍ଚ ହସନ ଓ ହୁସୈନ୍ ର.ଅ ଉଭୟେ ମୋ ନିକଟକୁ ଆସିଲେ ଏବଂ ଭାଇଙ୍କ ପରି ମୋ ସହିତ ସ୍ନେହ ଭାବ ପ୍ରଦର୍ଶନ କରିବାକୁ ଲାଗିଲେ ଏବଂ ସହାନୁଭୂତି ବ୍ୟକ୍ତିଙ୍କ ପରି ମୋତେ ସାକ୍ଷାତ୍ କଲେ । ଉକ୍ତ କଶ୍‌ଫ୍‌ଟି ସେହି କଶ୍‌ଫ୍ ମଧ୍ୟରୁ ଗୋଟିଏ ଯାହାକୁ ଅନେକ ବର୍ଷ ବିତି ଗଲାଣି । ମୁଁ ହଜ଼ରତ ଅଲୀ ଓ ତାଙ୍କର ଦୁଇ ପୁତ୍ରଙ୍କୁ ଭଲ ପାଏ । ଯିଏ ତାଙ୍କ ସହିତ ଶତ୍ରୁତା ରଖିବ, ମୁଁ ତା' ସହିତ ଶତ୍ରୁତା ରଖିବି ।

ହୁଜୁର ଅନୱର୍ ଅ.ବ କହିଲେ : ସୁତରାଂ ଶତ୍ରୁମାନେ ଏହା କିପରି କହିପାରିବେ ଯେ, ଆମେମାନେ ନାଉଜୁବିଲ୍ଲାଃ ଆଁହଜ଼ରତ ସ.ଅଙ୍କ ବଂଶଧରଙ୍କୁ ଭଲପାଉ ନାହୁଁ କିମ୍ବା ତା'ଙ୍କ ବଂଶଧରଙ୍କର ମହତ୍ୱକୁ ଉପଲବ୍ଧି କରୁ ନାହୁଁ ତା' ନୁହେଁ ବରଂ ହଜ଼ରତ ଇମାମ୍ ହୁସୈନ୍ ର.ଅଙ୍କ ଅସ୍ତିତ୍ୱ ପବିତ୍ରମୟ ଥିଲା ଏବଂ ନିଃସନ୍ଦେହ ରୂପେ କହିବାକୁ ଗଲେ ସେ ସେହି ମନୋନୀତ ଓ ପୁନୀତାତ୍ମାଙ୍କ ମଧ୍ୟରୁ ଜଣେ ଅଟନ୍ତି ଯାହାଙ୍କୁ ଅଲ୍ଲାଃତାଲା ନିଜ ହସ୍ତରୁ ସ୍ୱଚ୍ଛ କରିଥିଲେ ଏବଂ ନିଜର ପ୍ରେମ ଦ୍ୱାରା ପରିପୂର୍ଣ୍ଣ କରିଥିଲେ । ନିଃସନ୍ଦେହ ରୂପେ କହିବାକୁ ଗଲେ ସେ ବୈକୁଣ୍ଠକବାସୀଙ୍କ ମଧ୍ୟରୁ ଜଣେ ଅଧିପତି ଅଟନ୍ତି । ତେଣୁ ତାଙ୍କ ପ୍ରତି ବୈରାଗ୍ୟ ମନୋଭାବ

ପୋଷଣ କରିବା ଦ୍ୱାରା ବିଶ୍ୱାସ ହାନୀ ହୋଇଥାଏ ଏବଂ ସେହି ଇମାମ୍‌ଙ୍କର ଧର୍ମପରାୟଣତା ଏବଂ ଐଶ୍ୱରିକ ପ୍ରେମ, ଧୈର୍ଯ୍ୟ, ଅବିଚଳତା, ପବିତ୍ରତା ଏବଂ ଭକ୍ତିଭାବ ଆମମାନଙ୍କ ପାଇଁ ଏକ ଆଦର୍ଶ ଏବଂ ଆମେମାନେ ସେହି ନିରୀହଙ୍କ ଅନୁସରଣକାରୀ ରୂପେ ବିବେଚିତ ହେବା ଯାହାକିଛି ତାଙ୍କୁ ପ୍ରାପ୍ତ ହୋଇଥିଲା । ସେହି ହୃଦୟର ବିଲୟ ଘଟିଲା ଯିଏ ତାଙ୍କର ଶତ୍ରୁ ଏବଂ ସଫଳ ହେଲା ସେହି ବ୍ୟକ୍ତି ଯିଏ ବ୍ୟବହାରିକ ଶୈଳୀରେ ତାଙ୍କ ପ୍ରତି ପ୍ରେମଭାବ ପ୍ରଦର୍ଶନ କରେ ।

ତେଣୁ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କୁ ଯେଉଁ ପ୍ରେମର ଧାରଣା ରହିଥିଲା, ତାହା ଅନ୍ୟକୁ କିପରି ପ୍ରାପ୍ତ ହୋଇ ପାରିବ ? ତାହା ହିଁ ହଜ଼ରତ ମସିହ୍ ମଉଦ୍ ଅ.ସ କହିଛନ୍ତି । କିନ୍ତୁ ଶିୟା ସମ୍ପ୍ରଦାୟ ଅତିଶୟୋକ୍ତି ପର୍ଯ୍ୟନ୍ତ ଯାଇଛନ୍ତି ସେଠାରେ ହଜ଼ରତ ମସିହ୍ ମଉଦ୍ ଅ.ସ ସେମାନଙ୍କୁ ବାସ୍ତବତା ସହିତ ମଧ୍ୟ ପରିଚୟ କରାଇଛନ୍ତି ଏବଂ ଯେଉଁଠି ସୁନ୍ନି ସଂପ୍ରଦାୟ ଭୁଲ ପ୍ରମାଣିତ ହୋଇଛନ୍ତି ସେଠାରେ ମଧ୍ୟ ହଜ଼ରତ ମସିହ୍ ମଉଦ୍ ଅ.ସ ସେମାନଙ୍କୁ କହିଛନ୍ତି ଯେ, ସେମାନେ ନିଜର ସଂସ୍କାର କରନ୍ତୁ ଏବଂ ଏହା ଜଣେ ହକମ୍ ଓ ଅଦଲ୍ (ନ୍ୟାୟ ବିଚାରକ)ର କର୍ତ୍ତବ୍ୟ । ତେଣୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପ୍ରସାରିତ କରିବା ପାଇଁ ଅଲ୍ଲାଃତାଲା ହଜ଼ରତ ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କରିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ଏହି ଉଭୟ ବୃହତ୍ ଗୋଷ୍ଠୀ ଜମାଅତ୍ ଅହେମଦିୟାକୁ ମନ୍ଦ ବୋଲି କହୁଛନ୍ତି । ଆମମାନେ ହିଁ ଏମାନଙ୍କ ଅତ୍ୟାଚାରର ଶିକାର ହୋଇଥାଉ । କିନ୍ତୁ ଏସବୁ ସତ୍ତ୍ୱେ ଆମେ ଧୈର୍ଯ୍ୟ ଏବଂ ଅବିଚଳତାକୁ ବଳବତ୍ତର ରଖିଛୁ, ଯାହାକି ଆମ ଉପରେ ନ୍ୟସ୍ତ ହୋଇଛି । ଯେଉଁଥି ପାଇଁ ଆମେମାନେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କର ବୈଅତ୍ କରିଛୁ ଯେ, ଆମେମାନେ ଇସ୍‌ଲାମ୍‌ର ପ୍ରକୃତ ବାର୍ତ୍ତା ପହଞ୍ଚାଇବା ପାଇଁ ଉକ୍ତ ଆଦର୍ଶକୁ ନିଜ ସମ୍ମୁଖରେ ରଖିବୁ ଯାହାକୁ ହଜ଼ରତ ଇମାମ୍ ହୁସୈନ୍ ର.ଅ ଆମମାନଙ୍କୁ ଦେଖାଇଛନ୍ତି ।

ଆମେମାନେ ଆଜିକାଲି ବିଶେଷ ରୂପେ ଚଳିତ ମାସରେ ବିଶେଷ କରି ଯେତେବେଳେ ଶତ୍ରୁତା ନିଜର ଚରମ ସୀମାରେ ପହଞ୍ଚି ଯାଇଛି ସେ ପରିପ୍ରେକ୍ଷୀରେ ଆମମାନଙ୍କୁ ଦୁଆ ପ୍ରତି ବହୁତ ଧ୍ୟାନ ଦେବା ଉଚିତ୍ । ଅଧିକରୁ ଅଧିକ ଦୁରୁଦ୍ ଶରୀଫ୍ ପଢିବା ଉଚିତ୍ ଏବଂ ଆମେମାନେ ଯେତେ ଅଧିକ ଅଲ୍ଲାଃତାଲାଙ୍କ ଆଗରେ ନତ ମସ୍ତକ ହେବା ସେତେ ଅଧିକ ଅଲ୍ଲାଃତାଲା ଆମମାନଙ୍କ ଗୁହାରିକୁ ଶୁଣି ଆମମାନଙ୍କୁ ବିଜୟ ପ୍ରଦାନ କରିବେ ।

KHULASA KHUTBA JUMA HUZOOR ANWAR a.b.a

28th Aug 2020

.........................